## ରେଲ୍‌ବିହାର ନିକଟରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, (ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ରେଲ୍ ବିହାରରେ ସଫେଇ କାର୍ଯ୍ୟ କରୁଥିବା ଜଣେ ବୃଦ୍ଧାଙ୍କ ମୃତଦେହ ନିକଟ ରାସ୍ତା କଡରୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ଅଞ୍ଚଳରେ ରହୁଥିବା ରାଇମଣୀ ସୋରେନ(୭୫)। ବୁଧବାର ସକାଳ ୮ଟାରେ ବୃଦ୍ଧା ଜଣକ ସନ୍ଦେହଜନକ ଅବସ୍ଥାରେ ପଡିଥିଲେ। ପୋଲିସ ବୃଦ୍ଧାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ୪୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**ସଂକ୍ଷେପରେ**

## ସ୍କୁଟି-କାର୍ ମୁହାଁମୁହିଁ ଧକ୍କା, ଯୁବତୀ ମୃତ

**କଟକସଦର,୧୬।୯(ଡି.ଏନ୍.ଏ):** କଟକ-ପାରାଦୀପ ରାସ୍ତାର ତତଲାପଦା ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ସ୍କୁଟି ସହ କାର୍‌ର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ସ୍କୁଟି ଆରୋହୀ ଅନିନ୍ଦିତା ସାମନ୍ତ(୨୨)ଙ୍କ ମୃତ୍ୟୁ ଘଟିଛି। ମୃତାଙ୍କ ଘର ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଗ୍ରାମରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କଟକରୁ ଅନିନ୍ଦିତା ଏକ ସ୍କୁଟି(ନଂ.ଓଡି ୨୧ଏଫ ୩୩୧୯) ଯୋଗେ ଘରକୁ ଫେରୁଥିଲେ। ତତଲାପଦା ନିକଟରେ ତିର୍ତ୍ତୋଲରୁ ଆସୁଥିବା କାର୍ (ନଂ. ଓଆର୍ ୦୨-ଏଭି-୯୩୦୬) ସହ ମୁହାଁମୁହିଁ ଧକ୍କା ହେବାରୁ ଅନିନ୍ଦିତା ଛିଟିକି ତଳେ ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ଖବରପାଇ କିଶନନଗର ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବାସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଅନ୍ୟପଟେ ପୋଲିସ ଘଟଣାସ୍ଥଳରୁ ୨ଗାଡ଼ିକୁ ଜବତ କରିଥିବାବେଳେ କାର୍ ଚାଳକ ଫେରାର ହୋଇଯାଇଛି। ଏ ନେଇ ପୋଲିସ ନଂ.୧୪୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ନନ୍ଦନକାନନ: ଭାଲୁ ଦେବାଶିଷ ମୃତ

**ବାରଙ୍ଗ,୧୬।୯(ଡି.ଏନ୍.ଏ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଭାଲୁ ସଫାରିରେ ଥିବା ଭାଲୁ ଦେବାଶିଷ ବୁଧବାର ଅପରାହ୍ନରେ ମୃତ୍ୟୁ ବରଣ କରିଛି। ମଙ୍ଗଳବାର ରାତିରେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାକୁ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଲଗାତର ପାଟିରୁ ତା'ର ଲାଳ ବାହାରିବାରେ ଲାଗିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବାହାର ଡାକ୍ତରଖାନାକୁ ନିଆଯାଇଥିଲେ ମଧ ବଞ୍ଚିପାରି ନ ଥିଲା। ଦେବାଶିଷ ୨୦୧୩ରେ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଥିଲା। ଏହାସହ ସଫାରୀର ଅନ୍ୟ ଏକ ଭାଲୁ ଲିଜାର ମଧ ଦେବାଶିଷ ଭଳି ଅବସ୍ଥା ହେବାରୁ ତାକୁ ଡାକ୍ତରଖାନାକୁ ବୁଧବାର ଅଣାଯାଇଛି। ଏହା ପୂର୍ବରୁ ଡାକ୍ତରଖାନାରେ ଆରତି ମଧ ରହି ଚିକିତ୍ସିତ ହେଉଛି। ତେବେ ଗତ ୧୫ଦିନ ତଳେ ଭାଲୁଙ୍କୁ ଯକ୍ଷ୍ମା ପାଇଁ ଔଷଧ ଦିଆଯାଇଥିଲା। ଏହି ଔଷଧ ଖାଇବାପରଠାରୁ ଗୋଟିକ ପରେ ଗୋଟିଏ ଭାଲୁଙ୍କ ଅବସ୍ଥା ଏହିପରି ହେଉଥିବାର ଜାଣିବାକୁ ମିଳିଛି। ତେବେ ଭାଲୁମାନଙ୍କର ଅସୁସ୍ଥତା ଯକ୍ଷ୍ମା ପାଇଁ ନା କୌଣସି ଭାଇରସ ପାଇଁ ତାହା ଜାଣିବା ପାଇଁ ମୃତ ଦେବାଶିଷର କିଛି ନମୁନାକୁ ଓୟୁଏଟିକୁ ପରୀକ୍ଷା ପାଇଁ ନିଆଯାଇଥିବାର ଜଣାପଡିଛି।

## ୩ ବଖରା ଜଳିଗଲା

**ପୁରୁଣା ଭୁବନେଶ୍ୱର,୧୬।୯(ଡି.ଏନ୍.ଏ):** ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର ଖଣ୍ଡାୟତ ସାହିରେ ନିଆଁ ଲାଗି ଜଣଙ୍କ ୩ ବଖରା ଜଳିଯାଇଛି। ଖବରପାଇ ପିପିଲି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ଅଧିକାଂଶ ଆସବାବପତ୍ର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଏହି ସାହିରେ ରହୁଥିବା ରତ୍ନାକର ଜେନାଙ୍କ ଘରେ ପ୍ରାତଃ ସମୟରେ ହଠାତ୍ ଧୂଆଁ ବାହାରିଥିଲା। ପରିବାର ଲୋକେ ଉଠି ଦେଖିବାବେଳେ ନିଆଁ ଲାଗିଯାଇଥିବା ଜାଣି ଘରୁ ବାହାରି ପଡ଼ୋଶୀଙ୍କୁ କହିଥିଲେ। ନିଜେ ପାଣି ପକାଇବା ସହ ଦମକଳକୁ ଜଣାଇଥିଲେ। ନିଆଁ ଆୟତ୍ତ ହେବା ମଧରେ ରତ୍ନାକରଙ୍କ ଧାନ ଚାଉଳ, ଲୁଗାପଟା ଜଳିଯାଇଛି। ତେବେ ନିଆଁ ଲାଗିବାର ସ୍ପଷ୍ଟ କାରଣ ଜଣାପଡ଼ି ନ ଥିବାବେଳେ ରାଜସ୍ୱ ନିରୀକ୍ଷକ ପହଞ୍ଚି ଅନୁଧାନ କରିଛନ୍ତି।

## ପୋଖରୀରେ ବୁଡି ଯୁବକ ମୃତ

**ବ୍ରହ୍ମଗିରି, ୧୬।୯(ଡି.ଏନ.ଏ.):** ଅରଖକୁଦା ମେରାଇନ ଥାନା ଅନ୍ତର୍ଗତ ହରିସହଦେବଙ୍କ ପୋଖରୀରେ ବୁଧବାର ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଗୋପୀନାଥପୁର ଗ୍ରାମର ରବୀନ୍ଦ୍ର ବେହେରା। ସଂକ୍ରାନ୍ତି ଯୋଗୁ ହରିସହଦେବଙ୍କ ପୀଠକୁ ରବୀନ୍ଦ୍ର ଯାଇଥିଲେ। ସେଠାରେ ଥିବା ପୋଖରୀରେ ଗାଧାଉଥିବାବେଳେ ହଠାତ୍ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଏ ନେଇ ତାଙ୍କ ବଡଭାଇ ରାମଚନ୍ଦ୍ର ବେହେରା ପୋଲିସକୁ ଜଣାଇଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ତଦନ୍ତ ଚଳାଇଛି।

# ଭୁବନେଶ୍ୱରବାସୀଙ୍କୁ ଦୁଃଖ ଦେଉଛି ଡ୍ରେନ୍

**ଭୁବନେଶ୍ୱର, ୧୬।୯ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦିରେ ଏବେ ଡ୍ରେନ୍ ଓ ସ୍ୱେରେଜ କାର୍ଯ୍ୟ ଜାରି ରହିଛି। ପାଖାପାଖି ସବୁ ୱାର୍ଡରେ ଏବେ ନିର୍ମାଣ ଓ ମରାମତି ଜାରି ରହିଛି। ଏଥିପାଇଁ ଅଧିକାଂଶ ସ୍ଥାନରେ ରାସ୍ତା ଖୋଳାଯାଉଛି। ପୁଣି ଯେଉଁସବୁ ଡ୍ରେନ୍‌ର ନିର୍ମାଣ ସରୁଛି ସେସବୁ ସ୍ଥାନରେ ତୁରନ୍ତ ରାସ୍ତାର ମରାମତି କରାଯାଉ ନ ଥିବାରୁ ଯାତାୟାତରେ ଗୁରୁତର ସମସ୍ୟା ଉପୁଜୁଛି। ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ସହରବାସୀ ନାନା ଦୁଃଖ ପାଉଛନ୍ତି। ଏପରିକ୍ଷେତ୍ରେ ବୁଧବାର ବିଏମ୍ସି ମୁଖ୍ୟ ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର ବିଭିନ୍ନ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ଏହାବ୍ୟତୀତ କାଳିଙ୍ଗା ରାସ୍ତା ନବୀକରଣ ଓ ଅନ୍ୟ ବିକାଶମୂଳକ କାର୍ଯ୍ୟ କିପରି କରାଯିବ ଓ ନିର୍ଦ୍ଧାରିତ ସମୟ ଭିତରେ ସରିବ ସେନେଇ ଆଲୋଚନା କରିଥିବା ଜଣାପଡିଛି। ତେବେ ଏହାର ଫଟୋ ବିଏମ୍ସି ନିଜ ଟୁଇଟର ହ୍ୟାଣ୍ଡେଲରେ ଅପ୍‌ଲୋଡ଼ କରିବା ପରେ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଭୁବନେଶ୍ୱରରେ ୨୦୦ରୁ ଊର୍ଦ୍ଧ୍ୱ ନୂଆ ଡ୍ରେନ୍ ହେବ। ପାଖାପାଖି ୭୦ଟିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ବାକି ଟେଣ୍ଡର ହୋଇ ପଡ଼ିରହିଛି। ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସରୁ ନ ଥିବାବେଳେ ତାହା ପୁଣି ନିମ୍ନମାନର ହେଉଥିବା ମଧ ଅଭିଯୋଗ ହେଉଛି। କେତେକ ସ୍ଥାନରେ ବର୍ଷ ବର୍ଷ ଧରି ଡ୍ରେନେଜ୍ ନିର୍ମାଣ ଜାରି ରହିଥିବାବେଳେ ବିଏମ୍ସିର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ଲୋକେ ଅଭିଯୋଗ କରୁଛନ୍ତି। ବିଏମ୍ସି ଡ୍ରେନେଜ୍ ବିଭାଗ ଏନେଇ କୌଣସି ଆନ୍ତରିକତା ଦେଖାଉ ନ ଥିବାବେଳେ କରୋନା ବାହାନାରେ ବିଏମ୍ସିର ଇଞ୍ଜିନିୟରିଂ ସେଲ୍ ଏକପ୍ରକାର ସ୍ଥାଣୁ ହୋଇପଡ଼ିଥିବା ପରିଲକ୍ଷିତ ହୋଇଛି। ଏପଟେ କର୍ପୋରେଟରଙ୍କ କ୍ଷମତା ନ ଥିବାରୁ ଲୋକଙ୍କ ସମସ୍ୟାର ସମାଧାନ ତୁରନ୍ତ ହୋଇପାରୁନି। ଅଧିକାରୀ ଓ ଠିକାଦାରମାନେ ମନମୁଖି କାର୍ଯ୍ୟ କରୁଥିବାରୁ ଅନେକ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେଉଛି।


ଅଧିକାରୀମାନେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି।

- ସରୁନି ନିର୍ମାଣ, ଖୋଳାଯାଉଥିବା ରାସ୍ତା ମରାମତି ହେଉନି
- ପୁରୁଣା ଡ୍ରେନ୍‌ରେ ଭର୍ତ୍ତି ହୋଇ ରହିଛି ପଙ୍କ
- ଟୁଇଟରରେ ତୀବ୍ର ଅସନ୍ତୋଷ ଜଣାଉଛନ୍ତି ସହରବାସୀ





ମା' ଝାଞ୍ଜିରି ମଙ୍ଗଳାଙ୍କ ବୈଷ୍ଣବୀ ବେଶ।


ମା'ଧାକୁଲେଇଙ୍କ ଦକ୍ଷିଣ କାଳୀ ବେଶ।


ମା'କଟକ ଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ।

# ଭୁବନେଶ୍ୱର: ୧୭ ହଜାର ଡେଇଁଲା ସଂକ୍ରମଣ

**ପୁଣି ୩୬୨ ପଜିଟିଭ, ୪୦୬ ସୁସ୍ଥ**

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ରାଜଧାନୀରେ ସଂକ୍ରମଣ ହୁହୁ ହୋଇ ବଢ଼ି ଚାଲିଛି। ଶେଷ ୨୪ ଘଣ୍ଟାରେ ଆଉ ୩୬୨ଜଣ ଆକ୍ରାନ୍ତ ବାହାରିଛନ୍ତି। ସଙ୍ଗରୋଧରୁ ୭୬ ଜଣ ଥିବାବେଳେ ୨୮୬ ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଫଳରେ ଏବେ ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୧୭ ହଜାର ୨୯୫କୁ ବୃଦ୍ଧିପାଇଛି। ସେହିଭଳି ଆଉ ୪୦୬ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୧୨ ହଜାର ୬୯୪ରେ ପହଞ୍ଚିଛି। ୬୪ଜଣଙ୍କର ମୃତ୍ୟୁ ଘଟିଥିବାରୁ ବାକି ୪ ହଜାର ୫୨୪ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

ସଙ୍ଗରୋଧ ଆକ୍ରାନ୍ତଙ୍କ ମଧ୍ୟରେ ଏକ ଘରୋଇ ହସ୍ପିଟାଲରୁ ୧୦ଜଣ, ଖଣ୍ଡଗିରିରୁ ୭, ଅନ୍ୟ ଜିଲା ଓ ନୟାପଲ୍ଲୀରୁ ୬ ଜଣ ଲେଖାଏଁ ରହିଛନ୍ତି। ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରେ ଏକ ଘରୋଇ ହସ୍ପିଟାଲରୁ ୨ଜଣ ରହିଥିବାବେଳେ ୨ ପୋଲିସ କର୍ମଚାରୀ ସଂକ୍ରମିତ ହୋଇଛନ୍ତି। ଏଥିସହ ନୟାପଲ୍ଲୀରୁ ୧୩ଜଣ, ବରମୁଣ୍ଡାରୁ ୮, ପଟିଆ ରେଳ ଷ୍ଟେସନ ନିକଟରୁ ୮, ସୁନ୍ଦରପଦାରୁ ୬ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ଅଞ୍ଚଳରୁ ଆହୁରି ସଙ୍ଗରୋଧ ଓ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

### ଘର ଘର ବୁଲି ସ୍ଥିତି ପରଖିଲେ ବିଏମ୍‌ସି କମିଶନର

**ଭୁବନେଶ୍ୱର, ୧୬।୯ (ବ୍ୟୁରୋ)-** ବୁଧବାର ବିଏମ୍ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଘର ଘର ବୁଲି କୋଭିଡ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉତ୍ତର ଜୋନ୍ ଅନ୍ତର୍ଗତ ଶୈଳଶ୍ରୀ ବିହାର ଅଞ୍ଚଳରେ କରୋନା ମୁକାବିଲା ସ୍ଥିତି ଦେଖିବା ସହ କଣ୍ଟାକ୍ଟ ଟ୍ରେସିଂ ସହ ସ୍ୱାସ୍ଥ୍ୟ ସର୍ଭେଲାନ୍ସ କିପରି ଚାଲିଛି ସେସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଛନ୍ତି। ବ୍ୟବସାୟୀ ଓ ଅନ୍ୟମାନେ କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ମାନନ୍ତୁ ଓ କରୋନା ଲଢ଼େଇରେ ସହଯୋଗ କରନ୍ତୁ ବୋଲି ଚୌଧାରୀ ପରାମର୍ଶ ଦେଇଛନ୍ତି। ତାଙ୍କ ସହ ଜୋନାଲ ଡେପୁଟି କମିଶନର ପ୍ରମୋଦ ପୃଷ୍ଟି ଉପସ୍ଥିତ ଥିଲେ।

# ଚଳନ୍ତା ଅଟୋରେ ମହିଳାଙ୍କୁ ଅସଦାଚରଣ

**ଭୁବନେଶ୍ୱର,୧୬।୯ (ବ୍ୟୁରୋ)**

ଚଳନ୍ତା ଅଟୋରେ ଜଣେ ମହିଳାଙ୍କୁ ବାରମ୍ବାର ଅସଦାରଚଣ କରାଯାଇଛି। ପୋଲିସ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିପାଟଣା ଥାନା ସାହେବ ନଗରର ରାଜୁ ଓରଫ ମୁକ୍ତାର ଖାଁ(୪୭)। ଜାମିନ ନ ମିଳିବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ସୂଚନା ମୁତାବକ, ପୋଖରୀପୁଟ ଅଞ୍ଚଳରୁ ମହିଳା ଜଣକ ଏକ ଅଟୋରେ ମଞ୍ଚେଶ୍ୱର ଯାଉଥିଲେ। ବାଟରେ ସେହି ଅଟୋରେ ଯାଉଥିବା ଅଭିଯୁକ୍ତ ମୁକ୍ତାର ତାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣକ ମାଷ୍ଟରକ୍ୟାଣ୍ଟିନ ଛକରୁ ଆଉଏକ ଅଟୋ ବଦଳାଇ ମଞ୍ଚେଶ୍ୱର ଚାଲି ଯାଇଥିଲେ। ଦିନ ପ୍ରାୟ ସାଢେ ୧୧ଟାରେ ସେ ଘରକୁ ଫେରିଥିଲେ। ରାଜମହଲ ଛକରୁ ପୋଖରୀପୁଟ ଯିବାଲାଗି ଏକ ଅଟୋରେ ଉଠିଥିଲେ। ଅଭିଯୁକ୍ତ ଜଣକ ପୁଣି ସେହି ଅଟୋରେ ଉଠି ତାଙ୍କୁ ଅସଦାଚରଣ କରିଥିଲେ। ବାଟରେ ମହିଳା ଜଣକ ଅଟୋ ବଦଳାଉଥିଲେ ମଧ ଅଭିଯୁକ୍ତ ସେହି ଅଟୋରେ ଚଢ଼ି ଦୁର୍ବ୍ୟବହାର କରିଥିଲେ। ପଳାସପଲ୍ଲୀ ନିକଟରେ ସେ ଗାଡ଼ି ଅଟକାଇ ପାଟିକରିବାରୁ ସ୍ଥାନୀୟ ଲୋକେ ଓ ଅଟୋ ଚାଳକ ମିଶି ଅଭିଯୁକ୍ତ ମୁକ୍ତାରଙ୍କୁ ନିର୍ଘୁମ ଛେଚିବା ପରେ ପୋଲିସ ଜିମା ଦେଇଥିଲେ।

# ଜେଲ୍‌ରୁ ବାହାରି ଶୋଭାଯାତ୍ରା ଘଟଣା: ଆଉଜଣେ ଗିରଫ, ପଞ୍ଚମ ମାମଲା ରୁଜୁ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ଏୟାରଫିଲ୍ଡ ଥାନାଞ୍ଚଳରେ ଘଟିଥିବା ବହୁ ଚର୍ଚ୍ଚିତ ଅମରେଶ ନାୟକ ହତ୍ୟା ମାମଲାରେ ୪ ଅଭିଯୁକ୍ତ ଜେଲରୁ ବାହାରି ଶୋଭାଯାତ୍ରାରେ ଯିବା ମହଙ୍ଗା ପଡ଼ିଛି। ଏ ନେଇ ବଡ଼ଗଡ଼, ଲକ୍ଷ୍ମୀସାଗର, ଏୟାରପୋର୍ଟ ଓ ଏୟାରଫିଲ୍ଡ ଥାନାରେ ମାମଲା ହୋଇଥିବାବେଳେ ବୁଧବାର କ୍ୟାପିଟାଲ ଥାନାରେ ପଞ୍ଚମ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ସୋମବାର ଏୟାରଫିଲ୍ଡଥାନା ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ବୁଧବାର ଆଉଜଣଙ୍କୁ ଗିରଫ କରିଛି। ସେ ହେଲେ ସୁନ୍ଦରପଦା ଦୁର୍ଗାମଣ୍ଡପ ଅଞ୍ଚଳର ବିଶ୍ୱଜିତ୍ ଜେନା।

# ରୋଗଣା ଝିଅକୁ ଲୋକନାଥଙ୍କୁ ସମର୍ପଣ

**ପୁରୀ ଅଫିସ,୧୬।୯**

ସ୍ନାୟବିକ ସମସ୍ୟା ଯୋଗୁ ସାଢେ ୬ବର୍ଷର ପୁଅକୁ ହରାଇଲେ। ଏବେ ଝିଅ ବି ସେହି ରୋଗରେ ପୀଡ଼ିତ। ଚିକିତ୍ସା ଜାରି ରହିଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ଭଲ ହେବା ଆଶା କ୍ଷୀଣ। ଡାକ୍ତରଙ୍କଠାରୁ ନିରାଶ ହେବା ପରେ ଅସହାୟ ମା', ବାପା ଶେଷରେ ରୋଗଣା ଝିଅକୁ ଠାକୁରଙ୍କୁ ସମର୍ପଣ କରିଦେଇଛନ୍ତି। ଏମିତି ଘଟଣା ଘଟିଛି କଟକ ତିଗିରିଆ ଗୋକର୍ଣ୍ଣଖାଲ ଗାଁର ବିଭୂତିଭୂଷଣ ମହାନ୍ତିଙ୍କ କ୍ଷେତ୍ରରେ। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ସହଯୋଗରେ ବିଭୂତି ଓ ତାଙ୍କ ସ୍ତ୍ରୀ ବୁଧବାର ଶ୍ରୀଲୋକନାଥଙ୍କ ପୀଠକୁ ଆସି ଝିଅକୁ ଭଲ କରିଦେବା ପାଇଁ ମାନସିକ ରଖିଛନ୍ତି। ପ୍ରଭୁ ଲୋକନାଥ ତାଙ୍କ ଝିଅକୁ ଭଲ କରିଦେବେ ଏହି ବିଶ୍ୱାସ ରଖି ଠାକୁରଙ୍କୁ ସମର୍ପଣ କରିଦେଇଛନ୍ତି।

କୋହଭରା କଣ୍ଠରେ ବିଭୂତି କହିଛନ୍ତି, ଗତ ଜାନୁୟାରୀ ମାସରେ ପୁଅ ଆୟୁଷ (୬ ବର୍ଷ) ଏବଂ ଝିଅ ଶୁଭଶ୍ରୀ (୩ ବର୍ଷ) ସ୍ନାୟବିକ ରୋଗର ଶିକାର ହେଲେ। ହାତଗୋଡ଼ ଚଳପ୍ରଚଳ ହେଲା ନାହିଁ କି କଥା କହିପାରିଲେ ନାହିଁ। ତେଣୁ ଦୁହିଁଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କଲେ। ମାତ୍ର ଫେବୃୟାରୀ ୧୯ ତାରିଖରେ ପୁଅର ମୃତ୍ୟୁ ହୋଇଗଲା। ଏହାପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଝିଅ ଏବେ ଘରେ ରହିଛି। କିନ୍ତୁ ଚଲାବୁଲା କିମ୍ବା କଥାବାର୍ତ୍ତା କରିପାରୁନାହିଁ। ବହୁ ଡାକ୍ତରଙ୍କୁ ଦେଖାଇବା ପରେ ଏହି ରୋଗ ସମ୍ପୂର୍ଣ୍ଣ ଭଲ ହେବ ନାହିଁ ବୋଲି କହୁଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମରେ ମୋ' ପରିବାର ଦୁଃଖ ନେଇ ପୋଷ୍ଟ କରିଥିଲି। ଅଭିନେତା ସବ୍ୟସାଚୀ ମୋ' ସହ କଥା ହୋଇ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୋର ମାନସିକ ଅବସ୍ଥା ଠିକ୍ ନ ଥିବାରୁ ଝିଅକୁ ନେଇ ମହାପ୍ରଭୁ ଜଗନ୍ନାଥ ଓ ବାବା ଲୋକନାଥଙ୍କ ପୀଠ ବୁଲାଇ ଆଣିବା ପାଇଁ କହିଥିଲେ। ଏଥିଲାଗି ସବୁ ବ୍ୟବସ୍ଥା କରିଥିଲେ। ତାଙ୍କ ସହଯୋଗରେ ପୁରୀ ଆସି ଝିଅକୁ ବାବା ଲୋକନାଥଙ୍କୁ ସମର୍ପଣ କରିଦେଇଛି। ଝିଅ ସୁସ୍ଥ ହୋଇଗଲେ ବାବାଙ୍କ ପାଖକୁ ଆସି ମାନସିକ ପୂରଣ କରିବି ।



- ଆରୋଗ୍ୟ ହେବାର ବିଶ୍ୱାସ ରଖିଲେ ମା' ବାପା
- ମିଳିଲା ଅଭିନେତା ସବ୍ୟସାଚୀଙ୍କ ସହଯୋଗ

## ସ୍ୱଚ୍ଛ ପୁରୀ ସଂକ୍ରାନ୍ତ ପ୍ରତିଯୋଗିତା

**ପୁରୀ ଅଫିସ, ୧୬।୯:**

ସ୍ୱଚ୍ଛ ପୁରୀ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପୌରପାଳିକା ପକ୍ଷରୁ ସହରବାସୀଙ୍କ ମଧ୍ୟରେ ଏକ ଲୋଗୋ ଏବଂ ଟ୍ୟାଗ୍‌ଲାଇନ ପ୍ରତିଯୋଗିତା ଆୟୋଜନ କରାଯାଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି। ସେ କହିଛନ୍ତି, ଏଥିରେ ଭାଗ ନେବାକୁ ଇଚ୍ଛୁକ ପୁରୀବାସୀଙ୍କଠାରୁ ବୁଧବାର ଠାରୁ ପ୍ରବେଶିକା ଆହ୍ୱାନ କରାଯାଇଛି। ଆସନ୍ତା ୨୫ତାରିଖ ପ୍ରବେଶିକା ଦାଖଲର ଶେଷ ଦିବସ ରହିଛି। ଜଣେ ବ୍ୟକ୍ତି କେବଳ ଗୋଟିଏ ପ୍ରବେଶିକା ଦାଖଲ କରିପାରିବେ। ଇଂଲିଶ କିମ୍ବା ଓଡ଼ିଆ ଭାଷାରେ ଟ୍ୟାଗ୍‌ଲାଇନ ଲେଖା ଯାଇପାରିବ। ଉଭୟ ବିଭାଗର ବିଜେତାଙ୍କୁ ପୁରସ୍କୃତ କରାଯିବ। ଅନ୍‌ଲାଇନରେ ଏହି ପ୍ରତିଯୋଗିତା ହେବ।

# ୧୮ ଗାଁ, ୨ ଏନ୍‌ଏସି କଣ୍ଟେନ୍‌ମେଣ୍ଟ ଜୋନ୍

**ଖୋର୍ଦ୍ଧା ଅଫିସ, ୧୬।୯**

ଖୋର୍ଦ୍ଧା ଉପଖଣ୍ଡରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ପଜିଟିଭ ବାହାରିଥିବା ୧୮ ଗ୍ରାମ ଏବଂ ୨ଟି ଏନ୍‌ଏସିକୁ ପ୍ରଶାସନ ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଉପଜିଲାପାଳ ଅଶୋକ ବେହୁରିଆ ଖୋର୍ଦ୍ଧା ଓ ଚିଲିକା ବ୍ଲକର ୬ଟି ପଞ୍ଚାୟତର ୭ଟି ଗ୍ରାମକୁ ବୁଧବାରଠାରୁ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ୧୦ଦିନ ବ୍ୟାପୀ ଏବଂ ବାଣପୁର ବ୍ଲକର ୭ ପଞ୍ଚାୟତ ଓ ଟାଙ୍ଗୀ ବ୍ଲକ ୨ପଞ୍ଚାୟତର ୨ ଗ୍ରାମକୁ ୨୩ ତାରିଖ ପର୍ଯ୍ୟନ୍ତ ୮ଦିନ ବ୍ୟାପି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଖୋର୍ଦ୍ଧା ବ୍ଲକ ନିଜିଗଡ଼ ତାପଙ୍ଗ ପଞ୍ଚାୟତର ଜିଙ୍କିଝାରୀ, ଅଣ୍ଡା, ଟାଙ୍ଗିଆପଡ଼ା ପଞ୍ଚାୟତର ଟାଙ୍ଗିଆପଡ଼ା, ଜଙ୍କିଆ ପଞ୍ଚାୟତର ଜଙ୍କିଆ, ଚିଲିକା ବ୍ଲକ ନିମିକେତା ପଞ୍ଚାୟତର ବେଳପଡ଼ା, ବଡ଼କୁଳର ଖରଡ଼ପଲୀ, ଅଠରବାଟିଆର ଛେଦାପଦର ଗ୍ରାମକୁ ୧୦ଦିନ କଣ୍ଟେନମେଣ୍ଟ ଜୋନ୍ ଘୋଷଣା ହୋଇଛି। ବାଣପୁର ବ୍ଲକ ନରେନ୍ଦ୍ରପୁରର ଜେମେନା, ଭେଟ୍ଟେଶ୍ୱରର ଭେଟ୍ଟେଶ୍ୱର, ବିଷ୍ଣୁଚିହ୍ନର ଖଣନ୍ତା, ମୋରାମୋଇର ସାତପଡ଼ିଆ, ନନ୍ଦପୁରର ନନ୍ଦପୁର, ବଡଶିରେଇପୁରର ନରେନ୍ଦ୍ରପୁର, ଆୟତପୁରର ଆୟତପୁର, ଟାଙ୍ଗୀ ବ୍ଲକ ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର ଓ ଟାଙ୍କୋଲର ପଶ୍ଚିମଦ୍ୱାର ପାଟଣା ଗ୍ରାମକୁ ୮ଦିନ ପାଇଁ କଣ୍ଟେନମେଣ୍ଟ ଜୋନ୍, ବାଣପୁର ଏନ୍‌ଏସି ୱାର୍ଡ ନଂ. ୧୦ର ତଳସାହିକୁ ୮ ଦିନ ଦିନ ଏବଂ ବାଲୁଗାଁ ଏନ୍‌ଏସି ୱାର୍ଡ ନଂ. ୧୧ର ସାରଳାପଦର ସାହିକୁ ୧୦ ଦିନ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

# ଗ୍ରାମ୍ୟରାସ୍ତା ଜବରଦଖଲ ନେଇ ଉତ୍ତେଜନା

**ନିରାକାରପୁର,୧୬।୯(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ପଦ୍ମପୁର ଗ୍ରାମରେ ଜଣେ ବ୍ୟକ୍ତି ଗ୍ରାମର ସର୍ବସାଧାରଣ ସରକାରୀ ରାସ୍ତାକୁ ଅବରୋଧ ନେଇ ଗମନାଗମନରେ ବାଧା ସୃଷ୍ଟି ହେବା ପରେ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ସରପଞ୍ଚଙ୍କ ମାଧ୍ୟମରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନର ଅବଗତି ପରେ ମଧ ସ୍ଥାୟୀ ସମାଧାନ ହୋଇପାରି ନାହିଁ। ସୂଚନାଯୋଗ୍ୟ, ପଦ୍ମପୁର ଗ୍ରାମର ପଦ୍ମପୁର ପାଟଣାମୌଜାସ୍ଥିତ ଖାତା ନଂ-୮୮, ପ୍ଲଟ ନଂ.୧୨୮/୧୬୭ ସର୍ବସାଧାରଣ ସରକାରୀ ୪୧ ଡିସିମିଲ ଗ୍ରାମ୍ୟ ରାସ୍ତାକୁ ଗ୍ରାମର ଜଣେ ବ୍ୟକ୍ତ ଜବରଦଖଲ କରି ମୋରମ ପକାଇ ରାସ୍ତାଟିକୁ ନିଜ ଅକ୍ତିଆରକୁ ନେଇଯାଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ୱାର୍ଡସଭ୍ୟା ରେଣୁବାଳା ପ୍ରଧାନ ଗତ ତା. ୦୬।୦୭।୨୦୨୦ରିଖରେ ସରପଞ୍ଚଙ୍କୁ ଅବଗତ କରାଇଥିଲେ। ଏ ନେଇ ରାମେଶ୍ୱର ସରପଞ୍ଚ ନିରାକାରପୁର ପୋଲିସ, ରାଜସ୍ୱ ନିରୀକ୍ଷକଙ୍କ ସମେତ ଟାଙ୍ଗି ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳସ୍ୱରୂପ ସେହିମାସ ୨୯ତାରିଖରେ ଉକ୍ତ ରାସ୍ତାଟି ସରକାରୀ ନିୟମ ଅନୁସାରେ ମାପଚୁପ ହେବାପରେ ଏହା ସରକାରୀ ରାସ୍ତା ବୋଲି କହିଥିଲେ। କିନ୍ତୁ ଏହାସତ୍ତ୍ୱେ ଜବରଦଖଲକାରୀ ଏପର୍ଯ୍ୟନ୍ତ ନ ହଟିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ବୁଧବାର ଗ୍ରାମବାସୀ ମିଳିତହୋଇ ପୁଣି ସରପଞ୍ଚଙ୍କୁ ପୁନର୍ବାର ଅଭିଯୋଗ କରିଥିଲେ। ଖବରପାଇ ଘଟଣାସ୍ଥଳରେ ତହସିଲଦାର ଅଶ୍ୱିନୀ କୁମାର ଦାସ ଓ ନିରାକାରପୁର ରାଜସ୍ୱ ନିରୀକ୍ଷକ ଅଶ୍ୱିନୀ କୁମାର ଚୌଧୁରୀ ପହଞ୍ଚି ଜବରଦଖଲକାରୀଙ୍କୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ରାସ୍ତାରେ ପକାଇଥିବା ମୋରମ ହଟାଇବା ପାଇଁ ନିର୍ଦ୍ଦେଶ ଦେବା ସହ ତୁରନ୍ତ ଏହାର ରିପୋର୍ଟ ଦେବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ବିରୋଧ ଜାରି, ଉପଜିଲାପାଳଙ୍କୁ ଦାବିପତ୍ର

**ପୁରୀ ଅଫିସ,୧୬।୯**

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତି ବହନ କରୁଥିବା ତଥା ଏସ୍‌ସିଏସ୍ କଲେଜର ପୁରାତନ ହଷ୍ଟେଲ ପାଥେରପୁରୀର ପାଚେରି ଭଙ୍ଗାଯାଇ ରାସ୍ତା ସମ୍ପ୍ରସାରଣ କରାଯାଉଛି। ପ୍ରଶାସନର ଏହି କାର୍ଯ୍ୟକୁ ଏସ୍‌ସିଏସ୍ କଲେଜ ପୁରାତନ ଛାତ୍ର ସଂଘ ତୀବ୍ର ବିରୋଧ କରୁଛି। ଶିକ୍ଷାର ବିକାଶ ବ୍ୟତୀତ ହଷ୍ଟେଲର ଗୋଟିଏ ଇଞ୍ଚ ଜମି ଅନ୍ୟ କୌଣସି କାମରେ ଲାଗିପାରିବ ନାହିଁ ବୋଲି ସଂଘ କର୍ମକର୍ତ୍ତା କହିଛନ୍ତି। ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିବା ସହ ଏହାର ଭିତ୍ତିଭୂମି ଉନ୍ନତୀକରଣ ନିମନ୍ତେ ସରକାରଙ୍କ ନିକଟରେ ଦାବି ରହିଥିବାବେଳେ ଏପଟେ ହଷ୍ଟେଲ ଜମିକୁ ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟବହାର କରାଯିବାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ବୁଧବାର ଏସ୍‌ସିଏସ୍ କଲେଜ ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।


ଉପଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଏସ୍‌ସିଏସ୍ କଲେଜ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାମାନେ।

**ପାଥେରପୁରୀ ହଷ୍ଟେଲ ପାଚେରି ଭଙ୍ଗାଯିବା ପ୍ରସଙ୍ଗ**

ପୂର୍ବାହ୍ନରେ ଏସ୍‌ସିଏସ୍ କଲେଜ ପୂର୍ବତନ ଛାତ୍ର କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁରାତନ ଛାତ୍ରମାନେ କହିଥିଲେ ଯେ, ଏହା ଥିଲା ରବୀନ୍ଦ୍ରନାଥ ଟାଗୋରଙ୍କ ସାରସ୍ୱତ ସାଧନା କେନ୍ଦ୍ର। ଟାଗୋର ଏହି ପାଥେରପୁରୀକୁ ଏସ୍‌ସିଏସ୍ କଲେଜ ଛାତ୍ରାବାସ ପାଇଁ ଦାନ କରିଥିଲେ। ଏଠାରେ ଟାଗୋରଙ୍କ ସ୍ମାରକୀ ପ୍ରତିଷ୍ଠା ବଦଳରେ ପ୍ରଶାସନ ଫ୍ଲାଗ ବିଟ୍ ପାଇଁ ଏହାର ପାଚେରି ଭାଙ୍ଗି ରାସ୍ତା ସମ୍ପ୍ରସାରଣ କରିବା ଦୁର୍ଭାଗ୍ୟଜନକ। ଏହାକୁ ପୂର୍ବତନ ଛାତ୍ର କ୍ରିୟାନୁଷ୍ଠାନ କମିଟି ଦୃଢ ବିରୋଧ କରୁଛି। ଜରାଜୀର୍ଣ୍ଣ ହୋଇପଡ଼ିଥିବା ପାଥେରପୁରୀ ହଷ୍ଟେଲର ପୁନରୁଦ୍ଧାର ଏବଂ ଏଠାରେ ଟାଗୋର ସ୍ମାରକୀ ପ୍ରତିଷ୍ଠା ପାଇଁ ସେମାନେ ଦାବି କରିଥିଲେ। ପୁରାତନ ଛାତ୍ର ସୁଜିତ ମହାପାତ୍ର, ଭବାନୀ ଶଙ୍କର ଆଚାର୍ଯ୍ୟ, ଉମାକାନ୍ତ ନାୟକ, ହେକ୍ଟର ମିଶ୍ର, ଚେତନ ମିଶ୍ର, ସଞ୍ଜୀବ ରଥଶର୍ମା, ଦେବାଶିଷ ଦାଶ, ବିଶ୍ୱନାଥ ଦାଶ ପ୍ରମୁଖ ବିକ୍ଷୋଭ କରିଥିଲେ। ସେହିପରି ଏସ୍‌ସିଏସ୍ କଲେଜର ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ନାରାୟଣ ପ୍ରସାଦ ସିଂ, ହିମାଂଶୁ ଚନ୍ଦ୍ର ସାହୁ, ରାଜେଶ ରଥ ପ୍ରମୁଖ ଉପଜିଲାପାଳ ଭବତାରଣ ସାହୁଙ୍କୁ ହଷ୍ଟେଲର ପୁନଃ ନିର୍ମାଣ ଓ ସ୍ମାରକୀ ପ୍ରତିଷ୍ଠା ପାଇଁ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ଆର୍ ଆଣ୍ଡ ବି ପକ୍ଷରୁ ଚାଲିଥିବା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ଜନସାଧାରଣଙ୍କ ଯାତାୟାତ ସୁବିଧା ପାଇଁ ଏହା କରାଯାଇଛି।

## ପିପିଲିର ପୃଥକ୍ ସ୍ଥାନରୁ ୨ ଲୁଟ୍

ପିପିଲି,(ସ୍ୱ.ପ୍ର.): ଖୋର୍ଦ୍ଧା ଜିଲା ବଡଗଡ ଥାନା ଭୋଇସାହିର ପ୍ରଶାନ୍ତ ମଲ୍ଲିକ ସ୍ତ୍ରୀ ଓ ପିଲାଙ୍କୁ ଧରି ବୁଧବାର ବାଇକ୍‌ରେ ବଳଙ୍ଗା ଯାଉଥିଲେ। ପିଛା କରୁଥିବା ୨ଜଣ ଯୁବକ ପିପିଲି ଓଭରବ୍ରିଜ ନିକଟରେ ତାଙ୍କ ସ୍ତ୍ରୀ ହାତରେ ଥିବା ଭ୍ୟାନିଟିକୁ ଛଡାଇ ନେଇଥିଲେ। ଭ୍ୟାନିଟିରେ ୧୭ଗ୍ରାମର ସୁନା ହାର, ସୁନା ଚେନ, ସୁନା ଲକେଟ, ନଗଦ ୨ହଜାର ଟଙ୍କା, ଗଡ୍‌ରେଜ୍ ଚାବି, ଏଟିଏମ କାର୍ଡ, ମୋବାଇଲ ଫୋନ ଆଦି ଥିଲା। ସେହିଭଳି ପିପିଲି ଥାନା ସମ୍ମୁଖରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମରୁ କଣାସ ଥାନା ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମର ପତିତପାବନ ପାଣିଗ୍ରାହୀଙ୍କଠାରୁ ଏଟିଏମ୍ ଛଡ଼ାଇନେଇ ୨୦ହଜାର ଟଙ୍କା ଉଠାଇ ନେଇଛନ୍ତି। ଏନେଇ ପିପିଲି ଥାନାରେ ୨ଟି ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ନିମାପଡ଼ାରେ ଶହୀଦ୍ ଦିବସ ସମାରୋହ

**ନିମାପଡ଼ା,୧୬।୯(ଡି.ଏନ୍.ଏ):** ନିମାପଡ଼ା ଏନ୍‌ଏସି ଓ ଶହୀଦ ସ୍ମୃତି ସଂସଦ ପକ୍ଷରୁ ଥାନା ସମ୍ମୁଖସ୍ଥ ଶହୀଦ ସ୍ମୃତି ସ୍ତମ୍ଭଠାରେ ବୁଧବାର ୭୮ତମ ଶହୀଦ ଦିବସ ସମାରୋହ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନୀତିରଞ୍ଜନ ସେନ୍ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଉଚ୍ଛବ ମଲ୍ଲିକଙ୍କ ବଳୀଦାନ ବିଷୟରେ କହିବା ସହ ସଂଗ୍ରାମୀମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସ ପାଳନ ହେଉଥିବା କହିଥିଲେ। ଏହି ଅବସରରେ ଶହୀଦ ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ସଶସ୍ତ୍ର ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହାସହ ଶହୀଦ ଗ୍ରାମ କେଉଟତୋଟା ଗ୍ରାମରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା ହୋଇଥିଲା। ଏଥିରେ ବିଡିଓ ମନୋଜ ବେହେରା, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ର, ଶହୀଦ ସ୍ମୃତି ସଂସଦର ସମ୍ପାଦକ ବେଣୁଧର ସେନାପତି, ଯୁବନେତା ଜୀବନାନନ୍ଦ ମହାପାତ୍ର, ସନାତନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ନାରାୟଣୀଙ୍କ ପୀଠରେ ଷୋଡ଼ଶ ଉପଚାର ନୀତି

**ନିରାକାରପୁର,୧୬।୯(ଡି.ଏନ୍.ଏ):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କପିଳେଶ୍ୱର ମୌଜାର ମା'ନାରାୟଣୀଙ୍କ ଶକ୍ତିପୀଠରେ ଷୋଡ଼ଶ ଉପଚାର ନୀତି ଆରମ୍ଭ ହୋଇଛି। ଏଥର ଯୋଡ଼ା ଆଶ୍ୱିନ ପଡୁଥିବାରୁ ଏକ ଆଶ୍ୱିନ ମଳମାସ ଯୋଗୁ ଷୋଡଶ ଉପଚାର ପୂଜା ୪୫ଦିନ ଧରି ହେବ ବୋଲି ପୂଜକ ଶ୍ୟାମସୁନ୍ଦର ମହାପାତ୍ର ଓ ଠାକୁରାଣୀଙ୍କ ଟ୍ରଷ୍ଟବୋର୍ଡ ସଭ୍ୟ କିଶୋର କୁମାର ଦାଶ କହିଛନ୍ତି। କୋଭିଡ ନିୟମ ଅନୁଯାୟୀ ମା'ଙ୍କୁ ଉତ୍‌ଥାପନ ଏବଂ ସହସ୍ରା କୁମ୍ଭାଭିଷେକ ନୀତି ହୋଇ ଷୋଡଶ ଉପଚାର ହୋଇଥିଲା। ବ୍ରହ୍ମ ମୁହୂର୍ତ୍ତରୁ ମା'ଙ୍କ ଆଳତି, ସ୍ନାନ, ମାର୍ଜନା, ଚନ୍ଦନ ଲାଗି, ଅଳଙ୍କାର ଲାଗି, କଳସ ସ୍ଥାପନ, ସିଂହ ପୂଜା ଆଦି ସମ୍ପନ୍ନ ହୋଇଛି। ସକାଳ ବାଳ ଧୂପରେ ମା'ଙ୍କୁ ଫଳମୂଳ, ମଧାହ୍ନ ଧୂପରେ ଅନ୍ନ ଓ ମାଛପୋଡାବଳୀ ଆଦି ଲାଗିକରାଯାଉଛି।

### ଦାବିପତ୍ର ଦେଲେ ଆଶା ସାଥୀ

**ପୁରୀ ଅଫିସ,୧୬।୯:** ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ପୁରୀ ଜିଲା ପକ୍ଷରୁ ୮ଦଫା ଦାବି ନେଇ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଆଶାସାଥୀଙ୍କୁ ସରକାରୀ ମାନ୍ୟତା, ମାସିକ ୬ ହଜାର ଟଙ୍କା ଦେବା, ୟୁନିଫର୍ମ ଲାଗୁ ଓ ଟ୍ରେନିଂ, ବୀମା ଓ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ, ବୀମା ଯୋଜନା ଓ ଆୟୁଷ୍ମାନ ଭାରତ ଚିକିତ୍ସା ବୀମା ଲାଗୁ କରିବାକୁ ଦାବି କରାଯାଇଛି। କରୋନା ସମୟରେ କାର୍ଯ୍ୟ କରୁଥିବା ଆଶା ସାଥୀଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲା ସଂଘର ସଭାନେତ୍ରୀ ଜୟନ୍ତୀ ପ୍ରଧାନ, ସମ୍ପାଦିକା ମେନକା ସାହୁ, କମଳ ନାରାୟଣ ରଥ, ଅମ୍ବିକା ପ୍ରଧାନ, ଜାନକୀ ପ୍ରଧାନ, ଛବିରାଣୀ ସାହୁ ପ୍ରମୁଖ ଏହି ଦାବିପତ୍ର ଦେଇଥିଲେ।

# ଜଙ୍ଗଲ ସୁରକ୍ଷା, ସଂରକ୍ଷଣ ନାଁରେ ଅନିୟମିତତା

**ଗୋପ,୧୬।୯(ଡି.ଏନ୍.ଏ)**

- ବିଶ୍ରାମାଗାର ଗୃହ ନିର୍ମାଣରେ ଦୁର୍ନୀତି
- ଫନୀରେ ଜଙ୍ଗଲରୁ ୨୦ ଲକ୍ଷର କାଠର ହିସାବ ମିଳୁନି

ବାଲୁଖଣ୍ଡ ଅଭୟାରଣ୍ୟର ସୁରକ୍ଷା ଓ ସଂରକ୍ଷଣ କରିବା ଲାଗି ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ବନ ବିଭାଗର ଅଣଦେଖା ଓ ଜଙ୍ଗଲ ସୁରକ୍ଷା ସଂରକ୍ଷଣ କମିଟିର ଲାଭଖୋର ମନୋବୃତ୍ତି ଯୋଗୁ ବାଲୁଖଣ୍ଡ ଅଭୟାରଣ୍ୟ ସୁରକ୍ଷା ନାଁରେ ବ୍ୟାପକ ଅନିୟମିତତା ହୋଇଥିବା ଭଳି ଘଟଣା ଜନସୂଚନା ଅଧିକାରୀ ଆଇନ (ଆର୍‌ଟିଆଇ) ତଥ୍ୟରେ ପଦାକୁ ଆସିଛି। ଏହାସହ ଗୋପ ବ୍ଲକ ଅଞ୍ଚଳରେ ବିଶ୍ରାମାଗାର ଗୃହ ନିର୍ମାଣରେ ମଧ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କୋଣାର୍କ ବନଖଣ୍ଡ ଅଧିକାରୀଙ୍କ ଅଧୀନରେ ଥିବା ବାଲୁଖଣ୍ଡ ଅଭୟାରଣ୍ୟର ସୁରକ୍ଷା ଓ ସଂରକ୍ଷଣ ଲାଗି ୬ଟି ଜଙ୍ଗଲ ସୁରକ୍ଷା କମିଟି ଗଠିତ ହୋଇଛି। ଏହା ମଧ୍ୟରେ ଲିଆଖିଆ ଓ ବାଲିକପିଳେଶ୍ୱର ଜଙ୍ଗଲକୁ ନେଇ ବାଲିକପିଳେଶ୍ୱର ଜଙ୍ଗଲ ସୁରକ୍ଷା କମିଟି ଗଠନ ହୋଇଛି। ୨୦୦୨ରୁ ଏହି ବାଲିକପିଳେଶ୍ୱର କମିଟି ୪ଟି ରାଜସ୍ୱ ଗ୍ରାମକୁ ନେଇ ଗଠନ ହୋଇଥିବାବେଳେ ଏଥିରେ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ଏହି କମିଟି ଦ୍ୱାରା ଲକ୍ଷାଧିକ ଟଙ୍କାର ଗଛ ସହିତ କାଜୁ କିଣାବିକାରେ ଦୁର୍ନୀତି ହୋଇଥିବା ବେଳେ ବାଲିକପିଳେଶ୍ୱର ଶୈବପୀଠ ନିକଟରେ ଏହି କମିଟି ଦ୍ୱାରା ନିର୍ମାଣାଧୀନ ବିଶ୍ରାମ ଗୃହ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି। ସେହିପରି ଗୋପ ବ୍ଲକ ପକ୍ଷରୁ ତରୋକର ପଞ୍ଚାୟତରେ କଙ୍କ୍ରିଟ ରାସ୍ତା କରାଯାଇଥିବା ବେଳେ ବାଲିକପିଳେଶ୍ୱର କମିଟି ମିଥ୍ୟା ଭାବେ ଏହି ରାସ୍ତାକୁ ଦେଖାଇ ଲକ୍ଷେରୁ ଊର୍ଦ୍ଧ୍ୱ ଟଙ୍କା ଚଳୁ କରିଥିବା ସୂଚନା କର୍ମୀ ପ୍ରଫୁଲ୍ଲ ସେନାପତି କହିଛନ୍ତି।

୨୦୧୭ରେ ବାଲିକପିଳେଶ୍ୱର କମିଟି ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି କରିଥିବା ନେଇ ସୂଚନା କର୍ମୀ ସେନାପତି ଜଙ୍ଗଲ ବିଭାଗକୁ ଆର୍‌ଟିଆଇରେ ତଥ୍ୟ ମାଗିବାରେ ତାଙ୍କୁ ତଥ୍ୟ ମିଳି ନ ଥିଲା। ଏ ନେଇ କମିଶନରଙ୍କୁ ଜଣାଇବା ପରେ ୨୦୨୦ ଅଗଷ୍ଟରେ ତଥ୍ୟ ମିଳିଥିଲା। କିନ୍ତୁ ତାହା ମଧ ଅସମ୍ପୂର୍ଣ୍ଣ ଥିବା ସେ ଅଭିଯୋଗ କରିଛନ୍ତି। ବାଲିକପିଳେଶ୍ୱର ଶୈବ ପୀଠ ନିକଟରେ କମିଟି ଦ୍ୱାରା ବିଶ୍ରାମଗୃହ ନିର୍ମାଣ ଲାଗି ୨୦୧୫-୧୬ ଆର୍ଥିକ ବର୍ଷରେ ୨.୨୦ ଲକ୍ଷ, ୨୦୧୬-୧୭ରେ ୧.୮୦ଲକ୍ଷ ଓ ୨୦୧୭-୧୮ରେ ୨ଲକ୍ଷ ଟଙ୍କା ହଡ଼ପ କରାଯାଇଛି ବୋଲି ଆର୍‌ଟିଆଇ ତଥ୍ୟରେ ରହିଛି। ଏହାସହ ଜଙ୍ଗଲ ସୁରକ୍ଷା କମିଟି ଦ୍ୱାରା ଆସୁଥିବା ସରକାରୀ ଅର୍ଥକୁ ମଧ ମିଥ୍ୟା କାଗଜପତ୍ରରେ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଘଟଣା ପଦାକୁ ଆସିବା ପରେ ବାଲିକପିଳେଶ୍ୱର ଜଙ୍ଗଲ ସୁରକ୍ଷା କମିଟି ପକ୍ଷରୁ ବିଶ୍ରାମଗୃହକୁ ତରବରିଆ ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ସୂଚନା କର୍ମୀ ସେନାପତି କହିଛନ୍ତି। ଏହି ତଥ୍ୟ ମିଳିବା ପରେ ସେନାପତି ଏବେ ଜଙ୍ଗଲ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ଭିଜିଲାନ୍ସ ବିଭାଗ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏ ନେଇ ବାଲିକପିଳେଶ୍ୱର ଜଙ୍ଗଲ ସୁରକ୍ଷା କମିଟି ସଭାପତି ନିରଞ୍ଜନ ବେହେରା କୁହନ୍ତି, ଏଥିରୁ କିଛିଟା ଅଭିଯୋଗ ସତ୍ୟ। ଏହାର ତଦନ୍ତ କରାଗଲେ କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି। ଅନ୍ୟପଟେ କୋଣାର୍କ ରେଞ୍ଜର ବେଣୁଧର ବେହେରାଙ୍କୁ ପଚାରିବାରେ ଏ ସମ୍ପର୍କରେ କୌଣସି ମତାମତ ଦେଇ ପାରିବି ନାହିଁ ବୋଲି କହିବା ସହ ଉପର ଅଧିକାରୀଙ୍କଠାରୁ ତଦନ୍ତ ନିର୍ଦ୍ଦେଶ ଆସିଲେ ତଦନ୍ତ କରିବି ବୋଲି ସେ କହିଥିଲେ।

## ସୁନାଚେନ୍ ଲୁଟ୍, ଜଣେ ଗିରଫ

**ନିମାପଡ଼ା,୧୬।୯(ଡି.ଏନ୍.ଏ)**

ନିମାପଡ଼ା କେନାଲ ବନ୍ଧକ ରାସ୍ତାରେ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ ନିକଟରେ ବୁଧବାର ଜଣେ ମହିଳାଙ୍କ ବେକରୁ ୨୦ଗ୍ରାମ ଓଜନର ଏକ ସୁନାଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୨୨୦/୨୦ରେ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ନୟାହାଟ ଫାଣ୍ଡି ଅଞ୍ଚଳର ଟୁଲୁ ମିର୍ଜା। ସ୍ଥାନୀୟ ଗୌତମ ନଗରର ଅନୁପ ବରାଳ ଓ ତାଙ୍କ ସ୍ତ୍ରୀ ନିକଟସ୍ଥ ପୂର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଘରକୁ ବାଇକ୍‌ରେ ଫେରୁଥିଲେ। ଦୁଇଜଣ ଲୁଟେରା ଏକ ବାଇକ୍‌ରେ ଆସି ପଛପଟୁ ମହିଳାଙ୍କ ସୁନାଚେନ ଟାଣି ନେଇ ଫେରାର ବେଳେ ଲୁଟେରାଦ୍ୱୟ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଜଣଙ୍କୁ ଧରି ପୋଲିସ ଜିମା ଦେଇଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛି। ପୋଲିସ ଲୁଟ୍ ହୋଇଥିବା ସୁନାଚେନକୁ ଉକ୍ତ ମହିଳାଙ୍କୁ ଫେରାଇ ଦେଇଛନ୍ତି।

## ଗ୍ରୁପ୍ ଲୋନ୍ ଟଙ୍କା ନେଇ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

**୨ ଗିରଫ, ୪ ଗୁରୁତର ହସ୍ପିଟାଲରେ ଭର୍ତ୍ତି**

ନୟାପଲ୍ଲୀ ଥାନା ଅଞ୍ଚଳରେ ଗ୍ରୁପ ଲୋନ ଟଙ୍କାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ମରଣାନ୍ତକ ଆକ୍ରମଣ ସହ ମହିଳାଙ୍କୁ ଅସଦାଚାରଣ ଘଟଣାରେ ପୋଲିସ ୨ଟି ପୃଥକ ମାମଲା ରୁଜୁ କରିବା ସହ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଓସିସି ବସ୍ତି ଅଞ୍ଚଳରେ ରହୁଥିବା ଦେବେନ୍ଦ୍ର ବେହେରା ଓ ବଳଭଦ୍ର ବେହେରା। ସୂଚନା ମୁତାବକ, ଓସିସି ବସ୍ତିରେ ରହୁଥିବା ବିଜୟ ଦିଗାଲଙ୍କ ସ୍ତ୍ରୀଙ୍କ ସହ ଗ୍ରୁପ ଟଙ୍କା କାରବାରକୁ ନେଇ ପଡ଼ୋଶୀ ଦେବେନ୍ଦ୍ରଙ୍କ ସହ ଝଗଡ଼ା ହୋଇଥିଲା। ପରବର୍ତ୍ତୀ ସମୟରେ ୨ ପରିବାର ମଧ୍ୟରେ ମାରପିଟ ହେବା ସହ ଝଗଡା ଉଗ୍ର ରୂପ ନେଇଥିଲା। ଦେବେନ୍ଦ୍ର ଓ ସହଯୋଗୀ ବଳଭଦ୍ର ଏକ ଛୁରିରେ ବିଜୟଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବିଜୟଙ୍କ ସମେତ ପୁଅ ସୁମନ ଦିଗଲ, ପପୁ ଦିଗଲ ଓ ସ୍ତ୍ରୀ ଗୁରୁତର ଆହାତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବିଜୟ ଦିଗାଲଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୩୫୨/୨୦ରେ ମାମଲା ରୁଜୁ କରିବା ସହ ଦେବେନ୍ଦ୍ର ପରିବାର ଲୋକଙ୍କ ଅଭିଯୋଗ କ୍ରମେ ୩୫୩/୨୦ରେ ମାମଲା ରୁଜୁ କରିଥିଲେ। ତେବେ ପ୍ରାଥମିକ ତଦନ୍ତରେ ବିଜୟଙ୍କ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ ସହ ସ୍ତ୍ରୀଙ୍କୁ ଅସଦାଚରଣ ସହ ଆକ୍ରମଣ କରିବା ଘଟଣାରେ ୨ ଅଭିଯୁକ୍ତ ଦେବେନ୍ଦ୍ର ଓ ବଳଭଦ୍ରଙ୍କୁ ପୋଲିସ ଗିରଫ କରି ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ବିଜୟ ଦିଗଲାଙ୍କ ପରିବାର ଲୋକ ହସ୍ପିଟାଲରୁ ବାହାରିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## କିରୋସିନ୍ ଅପମିଶ୍ରଣ ମାମଲା, ୩ ଜେଲ ଗଲେ

**ଖୁଣ୍ଟୁଣୀ,୧୬।୯(ଡି.ଏନ୍.ଏ)**

ଗୁରୁଡ଼ିଝାଟିଆ ଥାନା ବଉଳା ଗ୍ରାମରେ କିରୋସିନ ଅପମିଶ୍ରଣ କରି ଡିଜେଲ କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ୩ଜଣ ବୁଧବାର ପୋଲିସ କୋର୍ଟଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଆଠଗଡ଼ ଜେଲ ପଠାଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲାର ଟ୍ୟାଙ୍କର ଚାଳକ ରାଧାମୋହନ ରାଉତ, ହେଲପେର ଜିତେନ୍ଦ୍ର ରାଉତ ଓ ଏହି ଥାନା ଅଞ୍ଚଳର ଜଗୁଆଳି ଗୋକୁଳାନନ୍ଦ ପାଳ। କଟକର ଜଣେ ବ୍ୟବସାୟୀଙ୍କ ଫାର୍ମ ହାଉସ ଭିତରେ କିରୋସିନରେ କେମିକାଲ ମିଶାଇ ଡିଜେଲ ତିଆରି କରୁଥିବା ଖବରପାଇ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ ମଙ୍ଗଳବାର ଚଢ଼ାଉ କରିଥିଲା। ଚଢ଼ାଉରେ ୨୧ ହଜାର ଲିଟର କିରୋସିନ, ନଗଦ ଟଙ୍କା, ମେଶିନ ଓ କେମିକାଲ ଜବତ କରିବା ସହିତ ୩ ଜଣଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା।

## ବଡ଼ପୋଖରିଆ, ଲେଣ୍ଡୋରେ କଣ୍ଟେନ୍‌ମେଣ୍ଟ ଜୋନ୍

**ନିରାକାରପୁର,୧୬।୯(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବଡ଼ପୋଖରିଆ ପଞ୍ଚାୟତର ବୋଡଙ୍ଗରା ପାଟଣାର ଓାର୍ଡ ନଂ.୧୨, ୧୩ ଓ ୧୪ ଏବଂ ଲେଣ୍ଡୋ ପଞ୍ଚାୟତ କୁନିଆଁ ସାମନ୍ତରାୟପୁର ଗ୍ରାମର ଓାର୍ଡ ନଂ.୩କୁ ୭ଦିନ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏହା ବୁଧବାର ସନ୍ଧ୍ୟା ୭ଟା ଠାରୁ ୨୨ତାରିଖ ରାତ୍ର ୯ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଅଞ୍ଚଳରେ ଥିବା କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। ଡ଼ପୋଖରିଆ ବୋଡଙ୍ଗରା ପାଟଣା ଓ କୁନିଆଁ ସାମନ୍ତରାୟପୁରରେ ପଜିଟିଭ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

## ବିଓଆଇ ଏଟିଏମ୍‌ରୁ ଲୁଟ ଉଦ୍ୟମ

**ଭୁବନେଶ୍ୱର,୧୬।୯ (ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ(ବିଓଆଇ)ର ଏଟିଏମ ଭାଙ୍ଗି ଲୁଟ ଉଦ୍ୟମ ହୋଇଛି। ଏ ନେଇ ବ୍ୟାଙ୍କ ମ୍ୟାନେଜର ବିଶ୍ୱରଞ୍ଜନ ସ୍ୱାଇଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। କର୍ମଚାରୀମାନେ ଟଙ୍କା ଭର୍ତ୍ତି କରିବାକୁ ଏଟିଏମ୍‌କୁ ଯାଇଥିବାବେଳେ ଏଟିଏମ ମେଶିନ୍‌ର ସମ୍ମୁଖ ଭଙ୍ଗାରୁଜା ଦେଖି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସିସିଟିଭି ଯାଞ୍ଚ ପରେ ଜଣାପଡିଛି ଯେ, ରାତି ପ୍ରାୟ ସାଢେ ଗୋଟାଏରୁ ୨ଟା ମଧ୍ୟରେ ୩ ଜଣ ଯୁବକ କଳା ପୋଷାକ ଓ ମୁହଁରେ ମାସ୍କ ପିନ୍ଧି ଷ୍ଟିଲ ବାର୍ ଧରି ଏଟିଏମରେ ପଶିଥିଲେ। ମେଶିନର ସାମ୍ନା କାଚ ଭାଙ୍ଗି ଟଙ୍କା ନେବାରେ ବିଫଳ ହେବାରୁ ଟଙ୍କା ଚାମ୍ବର ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ପୋଲିସ ଭିଡିଓ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଛି।



ଏଆଇସିସିଟିୟୁ ପକ୍ଷରୁ ଶ୍ରମିକ ବିରୋଧୀ ଓ ଶ୍ରମ କୋଡ ବାତିଲ୍ କରିବା ଦାବିରେ ବୁଧବାର ମାଷ୍ଟର କ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ।

## ୫୦ ଶଯ୍ୟାର କୋଭିଡ୍ କେୟାର ସେଣ୍ଟର କଲା ଟିସିଏସ୍

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**



ନିଜ କର୍ମଚାରୀ ତଥା ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ଆଇଟି କମ୍ପାନୀ ଟିସିଏସ୍ ପକ୍ଷରୁ ଏକ ୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ନିର୍ମାଣ କରାଯାଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉକ୍ତ କୋଭିଡ୍ କେୟାର ସେଣ୍ଟରରେ ପହଞ୍ଚି ଭିତ୍ତିଭୂମି ଯାଞ୍ଚ କରିଥିଲେ। ଏହାସହିତ ମହାମାରୀ ସମୟରେ କମ୍ପାନୀ ପକ୍ଷରୁ ନିଜ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଗୁରୁତ୍ୱ ଦିଆଯାଇଥିବାରୁ କମିଶନର ଚୌଧାରୀ ଖୁସିବ୍ୟକ୍ତ କରିଥିଲେ।

## ସିଦ୍ଧ ମହାବୀର ଆର୍‌ଓବି: ପୁଣି ମାପଚୁପ ଆରମ୍ଭ

**ପୁରୀ ଅଫିସ,୧୬।୯**

ଦୀର୍ଘବର୍ଷ ଦାବି ପରେ ଗତବର୍ଷ ଡିସେମ୍ବରରେ ସିଦ୍ଧମହାବୀର ରେଳ ଓଭରବ୍ରିଜ୍ (ଆର୍‌ଓବି) ପାଇଁ କେନ୍ଦ୍ର ସରକାର ଅନୁମତି ଦେଲେ। ଜମି ଅଧିଗ୍ରହଣ ପାଇଁ ଗତ ଜାନୁୟାରୀରେ ମାପଚୁପ ଆରମ୍ଭ ହେଲା। କିଛିଦିନ ମାପଚୁପ ପରେ ସବୁକିଛି ବନ୍ଦ ହୋଇ ଯାଇଥିଲା। ପ୍ରାୟ ୮ ମାସ ହେବ ଆର୍‌ଓବି ପାଇଁ କୌଣସି କାମ ଆରମ୍ଭ ହେଉ ନ ଥିବାରୁ ଅସନ୍ତୋଷ ବଢିଥିଲା। ଗତ ଶନିବାର ଜନ ଜାଗରଣ ମଞ୍ଚ ପକ୍ଷରୁ କାମ ଶୀଘ୍ର ଆରମ୍ଭ କରିବା ପାଇଁ ଜିଲାପାଳ ଏବଂ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ ପରେ ମଙ୍ଗଳବାରଠାରୁ ପୁଣି ମାପଚୁପ ଆରମ୍ଭ ହୋଇଛି। ମାଟିଆପଡ଼ା ଛକଠାରୁ ବାଲିଘାଟ ଶିବ ମନ୍ଦିର ଛକ ପର୍ଯ୍ୟନ୍ତ ମାପ କରାଯାଉଛି। ପ୍ରାୟ ୯୦୦ ମିଟର ଲମ୍ବର ଏହି ଓଭରବ୍ରିଜ୍ ପାଇଁ ପ୍ରାୟ ୨.୬୬ ଏକର ଜମି ଅଧିଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ଏଥିପାଇଁ ରାସ୍ତାର ଦୁଇପାର୍ଶ୍ୱରେ ୮୦ ଫୁଟ ଚଉଡାର ଜମି ଅଧିଗ୍ରହଣ କରାଯିବ।

## ଏଟିଏମ୍‌ରେ ସାହାଯ୍ୟ ଆଳରେ ଠକେଇ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ଏଟିଏମରେ ସାହାଯ୍ୟ ଆଳରେ ଲୁଟେରାମାନେ ୨ ବରିଷ୍ଠ ନାଗରିକଙ୍କ ଆକାଉଣ୍ଟରୁ ୬୫ ହଜାର ଟଙ୍କା ଲୁଟି ନେଇଛନ୍ତି। ପୁରୁଣା ଭୁବନେଶ୍ୱରର ଗଦାଧର ପୃଷ୍ଟି ୫୦ ହଜାର ଓ ତମାଣ୍ଡୋ ଅଞ୍ଚଳର ସୁରେଶ କୁମାର ସାହୁ ୧୫ ହଜାର ଟଙ୍କା ହରାଇଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

## ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା


ଭୁବନେଶ୍ୱର ଧରିତ୍ରୀ ଅଫିସ୍।


ପୁରୀ ଇଷ୍ଟକୋଷ୍ଟ ଇଲେକ୍ଟ୍ରିକ୍ ପାୱାର ଅଫିସ୍।


ୟୁନିଟ-୯ ୱାଟ୍‌କୋ ସେକ୍ସନ।


ବିଶ୍ୱକର୍ମା ମନ୍ଦିର, ଜୟଦେବବିହାର।


କଟକ ଟାଉନ ହଲ୍ ରୋଡ୍‌ସ୍ଥିତ ଜଳଯୋଗାଣ ଉପଖଣ୍ଡ।


ରସୁଲଗଡ଼ ଇଲେକ୍ଟ୍ରିକ୍ ଅଫିସ।


ୟୁନିଟ୍-୨ ଇଲେକ୍ଟ୍ରିକ୍ ସେକ୍ସନ ଅଫିସ୍।


ୟୁନିଟ୍-୩ ଖାରବେଳନଗର ଇଲେକ୍ଟ୍ରିକ୍ ଅଫିସ୍।

